**ଭାରତ ବିଲ୍ଡର୍ସ (ପ୍ରାଇଭେଟ) ଲିମିଟେଡ ଏବଂ ଅନ୍ୟମାନେ**

**ବନାମ**

**ପାରିଜାତ ଫ୍ଲାଟ୍ ଓନର୍ସ କୋପରେଟିଭ ହାଉସିଙ୍ଗ ସୋସାଇଟି ଲିମିଟେଡ ଏବଂ ଅନ୍ୟମାନେ**

**ଏପ୍ରିଲ 4, 1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 226, 227 - ଆଜ୍ଞାଦେଶ ଆବେଦନ - ଗ୍ରହଣ କରିବା ପାଇଁ ତାଲିକାଭୁକ୍ତ କରିବା - ମକଦ୍ଦମାର ବିନିର୍ଦ୍ଦିଷ୍ଟ ସମ୍ପାଦନରେ ପାରିତ ଡିକ୍ରିରୁ ହୋଇଥିବା ଅପିଲ ସହିତ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ସମ୍ମୁଖରେ ମାମଲାଟିକୁ ରଖାଯିବ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 7032/1996 ।

ଡବ୍ଲ୍ୟୁ. ପି. ସଂଖ୍ୟା 3092/1992 ର ଏଲ୍. ପି. ଏ. ସଂଖ୍ୟା 16/94 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 6.3.95 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ବି. ଏନ୍. ନାୟକ, ବି. ଏନ୍. ବୈଶବ, ରାଜୀବ ଶର୍ମା, ସୁଶ୍ରୀ ନୀଲମ ଶର୍ମା, ଅଜୟ ଶର୍ମା ଏବଂ ଟି. ସି. ଶର୍ମା ।

ଉତ୍ତରଦାତାମାନଙ୍କ ତରଫରୁ ଅନିଲ ବି. ଦିୱାନ, ୱାଇ. ଆର୍. ନାୟକ, ଆର୍. କେ. ଶର୍ମା ଏବଂ କେ. ଆର୍. ଚୌଧୁରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ବମ୍ବେ ଉଚ୍ଚ ନ୍ୟାୟାଳୟରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226, 227 ଅନୁଯାୟୀ ଦାୟର ହୋଇଥିବା ଆଜ୍ଞାଦେଶ ଆବେଦନଗୁଡ଼ିକୁ ଗ୍ରହଣ କରିବା ପାଇଁ ତାଲିକାଭୁକ୍ତ କରିବାର ପ୍ରକ୍ରିୟାଗତ ଅଂଶ ଉପରେ ଆମ୍ଭେ ଏହି ମାମଲାର ଶୁଣାଣି କରୁଥିବାବେଳେ, ଉତ୍ତରଦାତାମାନଙ୍କ ତରଫରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଅନିଲ ବି. ଦିୱାନ କହିଛନ୍ତି ଯେ ଫଏସଲା ପାଇଁ ଏହି ମାମଲାଟିକୁ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ସମ୍ମୁଖରେ ରଖିବା ପାଇଁ ଏକ ନିର୍ଦ୍ଦେଶ

ଦିଆଯାଇପାରେ । ଆମ୍ଭେ ଭାବୁଛୁ ଯେ ଉପଯୁକ୍ତ ବ୍ୟବସ୍ଥା ଏହା ହେବ ଯେ ଏହି ମାମଲାଟିକୁ ଖଣ୍ଡପୀଠଙ୍କ ସମ୍ମୁଖରେ ରଖାଯାଇପାରିବ । ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ପ୍ରଧାନ ନ୍ୟାୟଧୀଶଙ୍କୁ ଅନୁରୋଧ କରାଯାଉଛି ଯେ ଚୂଡ଼ାନ୍ତ ସମାଧାନ ପାଇଁ ଏହି ମାମଲାଟିକୁ ତାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କିମ୍ବା ଅନ୍ୟ କୌଣସି ନ୍ୟାୟପୀଠଙ୍କ ସମ୍ମୁଖରେ ରଖାଯାଉ । ଆମ୍ଭଙ୍କୁ ଅବଗତ କରାଯାଇଛି ଯେ ମକଦ୍ଦମାର ବିନିର୍ଦ୍ଦିଷ୍ଟ ସମ୍ପାଦନରେ ସହର ଦେୱାନୀ ନ୍ୟାୟାଳୟଙ୍କ ଦେୱାନୀ ବିଚାରପତିଙ୍କ ଡିକ୍ରି ବିରୁଦ୍ଧରେ ଏଫ୍. ଏ. ସଂଖ୍ୟା ୪୧୨/୨୨ ଦାୟର କରାଯାଇଛି ଏବଂ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଆଜ୍ଞାଦେଶ ଆବେଦନ ସହିତ ଏହି ଅପିଲଟିକୁ ମଧ୍ୟ ଯୋଡ଼ା ଯାଇପାରିବ । ଆମ୍ଭଙ୍କୁ ଅବଗତ କରାଯାଇଛି ଯେ ଏହି ମାମଲାଟିକୁ ଆଜ୍ଞାଦେଶ ଆବେଦନ ସହିତ ପୂର୍ବରୁ ଯୋଡ଼ା ଯାଇସାରିଛି । ଏହି ବିଷୟକୁ ଦୃଷ୍ଟିରେ ରଖି, ଖଣ୍ଡପୀଠଙ୍କ ଦ୍ୱାରା ଉଭୟ ମାମଲାର ଏକାସାଙ୍ଗରେ ଫଏସଲା କରାଯିବା ସମୀଚୀନ ହେବ । ଆମ୍ଭଙ୍କୁ ଅବଗତ କରାଯାଇଛି ଯେ ଉତ୍ତରଦାତାମାନେ ମଧ୍ୟ ଏହି ମାମଲାର ଫଏସଲା ପାଇଁ ଆଗ୍ରହୀ ଅଛନ୍ତି । ଏହି ପରିସ୍ଥିତିରେ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରୁଛୁ ଯେ ଏହି ଆଦେଶ ପ୍ରାପ୍ତ ହେବାର ତାରିଖ ଠାରୁ ଛଅ ମାସର ଅବଧି ମଧ୍ୟରେ, ଯେତେ ଶୀଘ୍ର ସମ୍ଭବ, ମାମଲାଗୁଡ଼ିକର ଫଏସଲା କରାଯାଉ ।

ତଦନୁସାରେ ଅପିଲଟିର ଫଏସଲା କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲଟିର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**